**ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ**

ମାଲକାନଗିରି, (ଡି.ଏନ.ଏ.): ମାଲକାନଗିରି ସଦର ଏମ୍‌ଭି-୭ ଜଗନ୍ନାଥପାଲ୍ଲୀ ରେ ଜିଲା ହୋମିଓପାଥିକ୍ ଡାକ୍ତର ସଂଘ ପକ୍ଷରୁ ବୁଧବାର ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଦସ୍ୟଙ୍କ ସହ ଗ୍ରାମବାସୀ ଗ୍ରାମ ସମେତ ଦୈନିକ ବଜାର, ବିଭିନ୍ନ ବିଦ୍ୟାଳୟ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଡେଙ୍ଗୁରୁ ମୁକ୍ତି ପାଇଁ ରାତିରେ ମଶାରି ଟାଙ୍ଗି ଶୋଇବା, ଘରର ପରିବେଶ ସଫା ରଖିବା, ଘର ଚତୁଃପାର୍ଶ୍ୱରେ ବର୍ଷାଜଳ ଜମା ରହିବାକୁ ନ ଦେବା, ପୁରୁଣା ଟାୟାର , ପଇଡ଼ ଖୋଳ , ମଶା ବାସ କରୁଥିବା ଅନ୍ଧାରିଆ ସ୍ଥାନଗୁଡିକୁ ସଫା କରିବା, ଶିଶୁଙ୍କୁ ମଶାଠାରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଡାକ୍ତର ଜ୍ୟୋତିରଞ୍ଜନ ନାୟକ , ମନରନ ଡୁରୁକା, ଦେବାଶିଷ ମଜୁମଦାର, ବିଜୟ ବିଶ୍ୱାସ, ଏ.ଈଶ୍ୱର ରାଓ, ସୁଧୀର ପଦାର, ଲକ୍ଷ୍ମୀରାଣୀ ହାଲ୍‌ଦାର, ନୀଳିମା ମାଳାଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

# ମୃତଦେହ ରଖି ଜାତୀୟ ରାଜପଥ ଅବରୋଧକଲେ ଗ୍ରାମବାସୀ

**ସୁନାବେଡ଼ା,ସେମିଳିଗୁଡ଼ା,୬।୧୦(ସ୍ୱ.ପ୍ର.)**

### ପୁରୁଣା ସୁନାବେଡ଼ା ଯୁବକଙ୍କ ମୃତ୍ୟୁଘଟଣା

- ଗ୍ରାମରେ ଲାଗି ରହିଛି ତୀବ୍ର ଉତ୍ତେଜନା
- ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବନ୍ଦ ହୋଇ ରହିଥିଲା ଯାତାୟାତ
- ୮ ଚିହ୍ନଟ ହୋଇଛନ୍ତି: ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ


ଜାତୀୟ ରାଜପଥ ଅବରୋଧକରି ବସିଥିବା ଗ୍ରାମବାସୀ।

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପୁରୁଣା ସୁନାବେଡ଼ା ଗ୍ରାମର ଚନ୍ଦ୍ରଶେଖର ନାୟକ(୧୯)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ମଙ୍ଗଳବାର ବ୍ରହ୍ମପୁର ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁରୁଣା ସୁନାବେଡ଼ା ଗ୍ରାମବାସୀ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୁନାବେଡ଼ା ଥାନା ଘେରାଉ କରିଥିଲେ।

ବୁଧବାର ସକାଳେ ଚନ୍ଦ୍ରଶେଖରଙ୍କ ମୃତଦେହ ସୁନାବେଡ଼ାରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସୁନାବେଡ଼ା ଥାନା ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥ ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇ ରହିଥିଲା। ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପୂର୍ବରୁ ଅଭିଯୁକ୍ତମାନଙ୍କ ବିରୋଧରେ ସୁନାବେଡ଼ା ଥାନାରେ ୩୦୭ରେ ରୁଜୁ ହୋଇଥିବା ମାମଲା ୩୦୨ରେ ପରିଣତ ହୋଇଛି ବୋଲି କହିଥିଲେ। ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଓ ସିସିଟିଭି ଫୁଟେଜ୍‌କୁ ଆଧାର କରି ୮ ଜଣକୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଦାସ ପ୍ରତିଶ୍ରୁତି ଦେଇଥିଲେ। ସେମିଳିଗୁଡ଼ା ତହସିଲଦାର ରଞ୍ଜିତା ମେରୀ ନାୟକ ରେଡ୍ କ୍ରସ୍ ପାଣ୍ଠିରୁ ଯେତେ ଅଧିକ ସହାୟତା ରାଶି ହୋଇପାରିବ ତାହା କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ ରାସ୍ତା ଉପରୁ ମୃତଦେହ ହଟାଇ ରାସ୍ତା ଅବରୋଧରୁ ଓହରିଥିଲେ। ଘଟଣାସ୍ଥଳରେ ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ,ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଦାମନଯୋଡି ଥାନା ଅଧିକାରୀ ସମ୍ବିତ ବେହେରା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର,ଏସ୍‌ଆଇ ମୁକୁନ୍ଦ ମେଲକାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନବନିର୍ମିତ ବିଶ୍ରାମ ଗୃହ ଉଦ୍‌ଘାଟିତ

**ମାଲକାନଗିରି,୬।୧୦(ଡି.ଏନ.ଏ.):** ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦ ଆନୁକୂଲ୍ୟରେ ମାଲକାନଗିରି ଭୈରବ ମନ୍ଦିର ପ୍ରାଙ୍ଗଣରେ ନବନିର୍ମିତ ବିଶ୍ରାମ ଗୃହକୁ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୁଧବାର ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ ନାୟକ,ବିଡିଓ ସରୋଜ ପ୍ରଧାନ, ପୂର୍ବତନ ପୌର ଅଧ୍ୟକ୍ଷା ରାଜବନ୍ତ କୌର, ସତ୍ୟ ପାଣିଗ୍ରାହୀ, ନଗର ସଭାପତି ଡି.ନାଗା, ସାମାଜିକ କର୍ମୀ ସତ୍ୟ ସ୍ୱାଇଁ ,ଏମ୍. ବାଲା,ବିନୋଦ ତିୱାରି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା ପରିଚାଳନା କରିଥିଲେ। କେସୁ ରାଓ ଧନ୍ୟବାଦ ଦେଇଥିଲେ।

### ଝୋଟି, ଆଦିବାସୀ ପାରମ୍ପରିକ ମାଳି ପ୍ରସ୍ତୁତି ପ୍ରତିଯୋଗିତା

**ମାଲକାନଗିରି,୬।୧୦(ଡି.ଏନ.ଏ.):** ମାଲକାନଗିରି ଜିଲାରେ ଜିଲା ପ୍ରଶାସନ ଓ ଲଳିତକଳା ଏକାଡେମୀ ପକ୍ଷରୁ ବୁଧବାର ଝୋଟି, ଚିତ୍ରାଙ୍କନ ସହ ଆଦିବାସୀ ପାରମ୍ପରିକ ମାଳି ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଝିଅ ଓ ମହିଳାମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ବିଶାଳ ସିଂ ଓ ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ପ୍ରତିଯୋଗୀମାନେ କରିଥିବା ଝୋଟିକୁ ଜିଲାପାଳ ସିଂ ଓ ବାଲୁକା ଶିଳ୍ପୀ ପଟ୍ଟନାୟକ ପ୍ରଶଂସା କରିଥିଲେ। ଏହି ଅବସରରେ ବଣ୍ଡା ଜନଜାତିର ମହିଳାମାନେ ଉପସ୍ଥିତ ରହି ପାରମ୍ପରିକ ମାଳି ଓ ବିଭିନ୍ନ ଗହଣା ତିଆରି କରିଥିଲେ। ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସ୍ୱାଧୀନତା ସଂଗ୍ରାମୀ ଇନ୍ଦିରା ପଣ୍ଡା ସ୍ମୃତି ଦିବସ

**ଜୟପୁର, ୬।୧୦ (ନି.ପ୍ର.):** ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ସ୍ମୃତି ଦିବସ ବୁଧବାର ଜୟପୁର ପୂଜ୍ୟପୂଜା ସଂସଦ ତରଫରୁ ପାଳିତ ହୋଇଯାଇଛି। ସଂସଦ ସଭାପତି କେଦାରନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ବ୍ୟକ୍ତିମାନେ ଇନ୍ଦିରାଙ୍କ ସ୍ମୃତିଚାରଣ କରି ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଆଜାଦ୍ ହିନ୍ଦ୍ ଫୌଜ ସେନାରେ କାର୍ଯ୍ୟ କରୁଥିଲେ ବୋଲି ପ୍ରକାଶ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ତପନ କିରଣ ତ୍ରିପାଠୀ, ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ସନ୍ତୋଷ ସାହୁ, କବିତା ସାହୁ, ତପସ୍ୱିନୀ ସାହୁ , ସହ ସମ୍ପାଦକ ବୈରାଗୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତି ଜନଜାତିଙ୍କୁ ସଚେତନ କଲା ଆଇନ ସେବା କାର୍ଯ୍ୟକ୍ରମ

**ମାଲକାନଗିରି,୬।୧୦ (ଡି.ଏନ.ଏ.):** ମାଲକାନଗିରି ସଦର ଥାନା ଶିଖ୍‌ପାଲି ପଞ୍ଚାୟତରେ ଶିଖ୍‌ପାଲ୍ଲୀ ସରପଞ୍ଚ ମୁକେ ମାଡ଼ିଙ୍କ ଅଧ୍ୟକ୍ଷତାରେ ଅଖିଳ ଭାରତୀୟ ସଚେତନତା ଏବଂ ପ୍ରସାରଣ ଆଇନ ସେବା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା ସଚିବ ତଥା ବିଚାରପତି ରାଜେଶ କୁମାର ମୁଦୁଲି, ସଦସ୍ୟ ରାଜେଶ ପଟ୍ଟନାୟକ , ଶିବ ମାଝି , ପିଇଓ ନିଖିଲ ବାନାର୍ଜୀ, ମାଟାପାକା ସରପଞ୍ଚ ବିନାୟକ ମାଡକାମିଙ୍କ ସମେତ ଅଶାକର୍ମୀ, ଅଙ୍ଗନୱାଡି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳରେ ରହୁଥିବା ଅନୁସୂଚିତ ଜାତି ଜନଜାତି ବାସିନ୍ଦା କିପରି ମାଗଣାରେ ଆଇନ ସେବା ଓ ସହାୟତା ପାଇ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବେ ସେସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଯେଉଁମାନଙ୍କର ବାର୍ଷିକ ଆୟ ୩ ଲକ୍ଷରୁ କମ୍ ଥିବ ସେମାନେ ମାଗଣାରେ ଆଇନ ସେବା ଓ ସହାୟତା ପାଇପାରିବେ। ଏଥିପାଇଁ ହେଉଥିବା ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଦୁଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଅନୁସୂଚିତ ଜାତି ଓ ଜନଜାତିର ଯେକୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଲେ ଆଇନ ସହାୟତା ଲାଗି ସେମାନେ ଲିଖିତ ଭାବେ ଜଣାଇଲେ ତାଙ୍କୁ ଆଇନ ସହାୟତା ମିଳିପାରିବ।

# ଅଭିଯୁକ୍ତଙ୍କ ଘରେ ନୋଟିସ ମାରିଲା ପୋଲିସ


ମିର୍ନାଲ ମଣ୍ଡଳଙ୍କ ଦୋକାନରେ ପୋଲିସ ନୋଟିସ୍ ମାରୁଛି।

### ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ଘଟଣା

- କୋଲକାତାର କ୍ଷମତାସମ୍ପନ୍ନ ଅଦାଲତ ଦେଲେ ଅନୁମତି
- ଅଭିଯୁକ୍ତଙ୍କୁ ପକ୍ଷ ରଖିବାକୁ ମିଳିଛି ସମୟ

**କାଳିମେଳା,୬।୧୦(ଡି.ଏନ୍.ଏ.)**

ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ୮ଜଣ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ନେଇ ଘୋଷଣା ପରେ ବୁଧବାର ମାଲକାନଗିରି ଏସ୍‌ପିଙ୍କ ନିର୍ଦ୍ଦେଶରେ କାଳିମେଳା ଏବଂ ଏମ୍‌ଭି-୭୨ରେ ଅଭିଯୁକ୍ତମାନଙ୍କ ଘରେ ନୋଟିସ ମାରିଛି କାଳିମେଳା ଏବଂ ଏମ୍‌ଭି-୭୯ ପୋଲିସ। ଏହି ଘଟଣାରେ ଜଣେ ହୋମଗାର୍ଡଙ୍କ ସମେତ ମୋଟ ୧୧ଜଣଙ୍କ ନାମରେ ଥିବା ପ୍ରାୟ ୩କୋଟି ୫ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ୫ଟି କୋଠାଘର,୧୨ଟି ବ୍ୟାଙ୍କଖାତାରେ ଥିବା ଟଙ୍କା ଏବଂ ୬ଟି ଗାଡ଼ିକୁ ବାଜ୍ୟାପ୍ତି କରିବା ପାଇଁ ପୋଲିସ ପକ୍ଷରୁ ଭାରତ ସରକାରଙ୍କ ଅଧୀନରେ ଥିବା କୋଲକାତାର କ୍ଷମତାସମ୍ପନ୍ନ ଅଦାଲତଙ୍କୁ ଆବେଦନ କରାଯାଇଥିଲା। ଅଦାଲତ ଏହି ସମ୍ପତ୍ତିଗୁଡିକ ବାଜ୍ୟାପ୍ତି ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଅନୁମତି ପାଇବା ପରେ ମାଲକାନଗିରି ପୋଲିସ ତତ୍ପର ହୋଇଉଠିଛି । ସମ୍ପତ୍ତିଗୁଡିକ ବାଜ୍ୟାପ୍ତି କରିବା ପୂର୍ବରୁ ସମ୍ପତ୍ତିର ମାଲିକମାନଙ୍କୁ ନୋଟିସ ଜାରି କରିଛି। ଥାନା ଅଧିକାରୀ ଜଗଦୀଶ ବାରା ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ବୁଧବାର ଅପରାହ୍ନ ୪ଟାରେ କାଳିମେଳା ଜଗନ୍ନାଥ ମନ୍ଦିର ନିକଟରେ ଥିବା ମିର୍ନାଲ ମଣ୍ଡଳ ଏବଂ ତାଙ୍କ ସ୍ତ୍ରୀ ସୁଧା ମଣ୍ଡଳଙ୍କ ଘରେ ନୋଟିସ ଦେବାକୁ ଯାଇଥିଲା। ସେତେବେଳେ ସେମାନେ ଅନୁପସ୍ଥିତ ଥିବାରୁ ତାଙ୍କ ଦୋକାନ ଏବଂ ଘର ସମ୍ମୁଖ କାନ୍ଥରେ ୧୪ ପୃଷ୍ଠାର ନୋଟିସ ଲଗାଇ ଫେରିଥିଲା। ନୋଟିସରେ ଅଭିଯୁକ୍ତମାନେ ସେମାନଙ୍କ ପକ୍ଷ ରଖାଯିବାକୁ ସମୟ ପ୍ରଦାନ କରାଯାଇଛି। ସେହିପରି ଏମ୍‌ଭି-୭୯ ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଏମ୍‌ଭି-୭୨ ଗ୍ରାମରେ ଏକାଧିକ ଅଭିଯୁକ୍ତଙ୍କ ଘରେ ଏହି ନୋଟିସ ଲଗାଇଥିବା ଜଣାପଡ଼ିଛି ।

# ଭିଡିସିରୁ ଟଙ୍କା ଆତ୍ମସାତ୍: ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ, ୬।୧୦(ସ୍ୱ.ପ୍ର.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ପରଜାଗୋଦରି ଗ୍ରାମର ଭିଲେଜ ଡେଭଲମେଣ୍ଟ କମିଟି ପାଣ୍ଠି (ଭିଡିସି)ରୁ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସଭାପତି ଓ ସମ୍ପାଦକ କମିଟିର ବିନା ଅନୁମୋଦନରେ ୨ ଲକ୍ଷ ୨୮ ହଜାର ବ୍ୟାଙ୍କ ଜମାଖାତାରୁ ଉଠାଇ ନେଇଥିବା ଅଭିଯୋଗରେ କୁହାଯାଇଛି। ଏନେଇ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗାଦିଆଗୁଡ଼ା ପଞ୍ଚାୟତର ପରଜାଗୋଦରି, ବଗେଇପଦର ଏବଂ ବାଲିଘାଟ ଗ୍ରାମକୁ ନେଇ ୨୦୦୮ରେ ମା' ଗୋଦ୍ରିମାଳି ଭିଲେଜ ଡେଭଲପମେଣ୍ଟ କମିଟି ଗଠିତ ହୋଇଥିଲା । ଏଥିରେ ଗ୍ରାମବାସୀ ୧୦ ଟଙ୍କା ଲେଖାଏ ରଖି ଗ୍ରାମର ବିକାଶମୂଳକ କାର୍ଯ୍ୟ ଲାଗି ରଖୁଥିଲେ। ଏହାର ପରିଚାଳନା ପାଇଁ କମିଟି ସଭାପତି ରୂପେ ମାଲିନୀ ଜାନି ଓ ସମ୍ପାଦକ ରୂପେ ଡମ୍ବରୁ ଜାନି ଦାୟିତ୍ୱରେ ଥିଲେ। ତେବେ ଗ୍ରାମସଭା, ପଲ୍ଲିସଭା କିମ୍ବା ଭିଡିସିର ବିନା ଅନୁମୋଦନରେ ସଭାପତି ଓ ସମ୍ପାଦକ ଉଭୟେ ଜମାଖାତାରୁ ୨ ଲକ୍ଷ ୨୮ ହଜାର ଟଙ୍କା ଉଠାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ସଭାପତି ମାଲିନୀ ଓ ସମ୍ପାଦକ ଡମ୍ବରୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ଭଗବାନ ବିଶୋୟୀ, ପୀତବାସ ନାୟକ, ରାଜେଶ କରଡ଼ା, ରାମ ମୁଦୁଲି, ଜାଲମି ଡଙ୍ଗ୍ରିଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ କହିଛନ୍ତି।

# ୨ ସଙ୍ଗଠନର ସଭାପତିଙ୍କ ସମେତ ୫ ଗିରଫ

**ସେମିଳିଗୁଡା,୬।୧୦(ସ୍ୱ.ପ୍ର.)**

### ମାଳିପର୍ବତ ଖଣି ଖନନକୁ ବିରୋଧ କରି ଗଣ୍ଡଗୋଳ ଘଟଣା

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତର କଙ୍କଡ଼ାଆମ୍ବ ଚର୍ଚ୍ଚ ପଡ଼ିଆଠାରେ ଗତ ୨୨ରେ ମାଳିପର୍ବତରୁ ଖଣି ଖନନ ନିମନ୍ତେ ହିଣ୍ଡାଲ୍‌କୋ କମ୍ପାନୀ ପକ୍ଷରୁ ପରିବେଶ ଜନଶୁଣାଣି କରାଯାଉଥିଲା। ଜନଶୁଣାଣି ଆରମ୍ଭ ହେବାର କିଛି ସମୟ ପରେ ଖଣି ଖନନକୁ ବିରୋଧକରି ମାଳି ପର୍ବତ ସୁରକ୍ଷା କମିଟିର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ହିଣ୍ଡାଲ୍‌କୋ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସଭା କରାଇଦେଇ ନ ଥିଲେ। ସଭାସ୍ଥଳରେ ବ୍ୟାପକ ଭଙ୍ଗାରୁଜା କରାଯିବା ସହ କମ୍ପାନୀକୁ ତୀବ୍ର ବିରୋଧ କରାଯାଇଥିଲା। ଏନେଇ ସେମିଳିଗୁଡ଼ା ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ୨୩ ଜଣ ଗିରଫ ହୋଇଥିଲେ। ମଙ୍ଗଳବାର ଏହି ଘଟଣାରେ ପୋଲିସ ମାଳି ପର୍ବତ ସୁରକ୍ଷା କମିଟି ସଭାପତି ବିଜୟ ଖିଲ, କୋରାପୁଟିଆ ଜନ ସୁରକ୍ଷା ସମିତି ସଭାପତି ଦାଶୀ ନନ୍ଦୀବାଲିଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ଫଳରେ ଗିରଫ ସଂଖ୍ୟା ୨୮ରେ ପହଞ୍ଚିଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସେମିଳିଗୁଡ଼ା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ କହିଛନ୍ତି।

# ୨ ସ୍ଥାନରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ


ରାଗିଣୀଗୁଡାରୁ ଜବତ ହୋଇଥିବା ଗଞ୍ଜେଇ।

**କୋରାପୁଟ/ଜୟପୁର, ୬।୧୦(ସ୍ୱ.ପ୍ର./ନି.ପ୍ର.)**

କୋରାପୁଟ ଅବକାରୀ ବିଭାଗ ଓ ଜୟପୁର ପୋଲିସ ବୁଧବାର ୨ଟି ସ୍ଥାନରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିଛି। ନନ୍ଦପୁର ବ୍ଲକର ଅନ୍ତର୍ଗତ ରାଗିଣୀଗୁଡା ଗ୍ରାମର ଏକ ଘର ଉପରେ ଚଢାଉ କରି ଅବକାରୀ କର୍ମଚାରୀମାନେ ୮୪୦ କେଜି ଗଞ୍ଜେଇ ଜବତ କରିଥିଲେ। ଏହାର ବଜାର ମୂଲ୍ୟ ୮୦ ଲକ୍ଷ ଟଙ୍କାହେବ। ଚଢାଉରେ ଅବକାରୀ ନିରୀକ୍ଷକ ଦିଲିପ ରଥ, ନନ୍ଦପୁର ଓଆଇସି ତ୍ରିନାଥ ଚିନ୍ନିଦା, ଏସଆଇ ଖଗେଶ୍ୱର କାଟେ, ଅର.ପୋଲକ ଦାସ, କନେଷ୍ଟବଳ ପ୍ରଶାନ୍ତ ନାୟକ, ତ୍ରିଲୋଚନ ରାୟ ଚେଙ୍ଗି, ପ୍ରଶାନ୍ତ ଗୌଡ ସାମିଲ ଥିଲେ। ସେହିପରି ଜୟପୁର ଘାଟି ଶିବ ମନ୍ଦିର ନିକଟରେ ଏକ ଟ୍ରକ ଉପରେ ଚଢାଉ କରି ସଦର ପୋଲିସ ୩୦୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଗଞ୍ଜେଇ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୁଙ୍କରୁ ରାୟପୁର ଚାଲାଣ ହେଉଥିଲା । ଏହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ । ନମ୍ବରବିହୀନ ଟ୍ରକକୁ ଜବତ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି ।

# ଟ୍ରଷ୍ଟ ପକ୍ଷରୁ ଜିଲା ଚିକିତ୍ସାଳୟ ପରିସର ସଫେଇ

**ଜୟପୁର, ୬।୧୦ (ନି.ପ୍ର.):** ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ପରିସରକୁ ବୁଧବାର ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସଫେଇ କରାଯାଇଛି । ସ୍ୱର୍ଗତ ଆଶୁତୋଷ ପାଠୀଙ୍କ ସ୍ମୃତିରେ ଗଠିତ ଏହି ଟ୍ରଷ୍ଟ ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦେଇ ଏପରି ପଦକ୍ଷେପ ନେଇଛି। ଏଥିରେ ପ୍ରଫୁଲ୍ଲ ପାଠୀ, ପୁରନ୍ଦର ନାୟକ, ନବୀନ ଚନ୍ଦ୍ର ବିଷୋୟୀ, ମୀନକେତନ ତ୍ରିପାଠୀ, ଅଜିତ ପଣ୍ଡା, ବିଜୟ ଚୌଧୁରୀ, ନାରାୟଣ ଦାସ, ରବି ଶତପଥୀ, ମିହିର କର୍କରା ପ୍ରମୁଖ ସାମିଲ ହୋଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଦସ୍ୟ।

# ବନ ବିଭାଗ ପକ୍ଷରୁ ବନ୍ୟ ପ୍ରାଣୀ ସୁରକ୍ଷା ସପ୍ତାହ

**ମାଲକାନଗିରି,୬।୧୦(ଡି.ଏନ.ଏ. )**

ଜଙ୍ଗଲରେ ବସବାସ କରୁଥିବା ବନ୍ୟପ୍ରାଣୀ କିପରି ସୁରକ୍ଷିତ ରହିବେ ଏବଂ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ବନବାସି କିପରି ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବେ ସେନେଇ ୨ରୁ ଡିଏଫଓ ପ୍ରତାପ କତାପାଲିଙ୍କ ନିର୍ଦ୍ଦେଶରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି । ବୁଧବାର ମାଥିଲି ବନ ବିଭାଗ ପକ୍ଷରୁ ବନ୍ୟ ପ୍ରାଣୀ ସୁରକ୍ଷା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଆମ ଜଙ୍ଗଲ ଯୋଜନାର ପ୍ରକଳ୍ପ କର୍ମଚାରୀ କିଶୋର ପାତିକାଙ୍କ ସହ ସମସ୍ତ ବନପାଳ ଓ ବନରକ୍ଷୀ, ୭ ଟି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଜଙ୍ଗଲର ଆବଶ୍ୟକତା, ବନ୍ୟପ୍ରାଣୀ ସୁରକ୍ଷା, ବନ୍ୟ ପରିବେଶ ସନ୍ତୁଳନ ସମ୍ପର୍କରେ ଗ୍ରାମବାସୀଙ୍କୁ ବିଭାଗୀୟ ଅଧିକାରୀମାନେ ବୁଝାଇଥିଲେ । ପରେ ସମସ୍ତେ ଗୋବିନ୍ଦପାଲ୍ଲି ସହର ସହ ବିଭିନ୍ନ ବସ୍ତି ପରିକ୍ରମା କରି ଜଙ୍ଗଲ ସୁରକ୍ଷା, ବେଷ୍ଟ ଶିକାର ବନ୍ଦ କରିବା ସମ୍ପର୍କରେ ସଚେତନ କରିଥିଲେ । ବଂଶୀଧର ଅନୁଗୁଳିଆ, ହୃଷିକେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ବନ କର୍ମଚାରୀ ଓ ଅନ୍ୟମାନେ।

# ଅର୍ଥ ଦେଲେ ମିଳୁଛି ଖାଦ୍ୟ, ନ ହେଲେ ନାହିଁ

**ପଟ୍ଟାଙ୍ଗୀ,୬।୧୦(ଡି.ଏନ୍.ଏ.)**

### ପଟ୍ଟାଙ୍ଗୀ ଆଇଟିଆଇ ହଷ୍ଟେଲରେ ଅବ୍ୟବସ୍ଥା


ପଟ୍ଟାଙ୍ଗୀର ବୈଷୟିକ ଶିକ୍ଷା ଅନୁଷ୍ଠାନ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଶିକ୍ଷିତ ଯୁବତୀଯୁବକ ବୈଷୟିକ ଶିକ୍ଷାଲାଭ ପାଇଁ ସରକାର ଶିକ୍ଷାନୁଷ୍ଠାନମାନ ଖୋଲୁଛନ୍ତି। ଏହାଦ୍ୱାରା ସେମାନେ ଅଧ୍ୟୟନକରି ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରିବେ। ଏହି ଲକ୍ଷ୍ୟରେ କୋରାପୁଟ ଜିଲାର ପଟ୍ଟାଙ୍ଗୀରେ ଏକ ବୈଷୟିକ ଶିକ୍ଷା ଅନୁଷ୍ଠାନ (ଆଇଟିଆଇ) ପ୍ରତିଷ୍ଠା ହୋଇଥିଲା। ସରକାର ଉନ୍ନତ ମାନର କୋଠା ଗୃହ ସହ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା, ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ହଷ୍ଟେଲରେ ରହୁଥିବା ଛାତ୍ରଙ୍କ ଖାଇବା ବ୍ୟବସ୍ଥା ସରକାର ବୁଝିନାହାନ୍ତି। ଫଳରେ ଏଠାରେ ରହୁଥିବା ଛାତ୍ରମାନେ ଅଭିଭାବକଙ୍କଠାରୁ ଟଙ୍କା ଆଣି ହଷ୍ଟେଲରେ ବାନ୍ଧି ପ୍ରତ୍ୟହ ଖାଦ୍ୟ ଖାଉଛନ୍ତି। ଜଣ ପିଛା ୧ହଜାର ଲେଖାଏ ମାସକ ପାଇଁ ନିଆଯାଉଛି। ହଷ୍ଟେଲରେ ଦିନେ ରହିଲେ ହଜାରେ ଟଙ୍କା ମାସେ ରହିଲେ ମଧ୍ୟ ସେତିକି ଅର୍ଥ ଦେବାକୁ ପଡୁଛି। ଏପରି କ୍ଷେତ୍ରରେ ହଷ୍ଟେଲ ଦାୟିତ୍ୱରେ ଥିବା କେତେକ ଶିକ୍ଷକ ଲାଭ ଉଠାଉଛନ୍ତି। ତେବେ ଛାତ୍ରମାନଙ୍କୁ ଭଲ ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। କେତେଜଣ ଛାତ୍ର ମାନସିକ ଚାପରେ ରହି ପାଠ ପଢୁଥିବା ବେଳେ କେତେକେ ହଷ୍ଟେଲରେ ରହିବାକୁ ଇଚ୍ଛା କରୁ ନ ଥିବା ଜଣାପଡିଛି। ଏହି ବୈଷୟିକ ଶିକ୍ଷା ଅନୁଷ୍ଠାନରେ ୧୬୦ଛାତ୍ରୀଛାତ୍ର ପଢୁଛନ୍ତି। ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ସୁବିଧା ଥିବା ବେଳେ ୫୮ ଛାତ୍ର ରହିବା ନିମନ୍ତେ ପଞ୍ଜୀକୃତ ହୋଇଛନ୍ତି। ପ୍ରକୃତପକ୍ଷରେ ନାରାୟଣପାଟଣା, ପାଡୁଆ, ଦାମନଯୋଡ଼ି, ରାଲେଗଡ଼ା ପରି ଅଞ୍ଚଳର ୩୦/୪୦ ଜଣ ଛାତ୍ର ହଷ୍ଟେଲରେ ରହୁଛନ୍ତି । ଏହି ଘଟଣା ଜାଣିବା ପରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଶ୍ରବଣ କୁମାର ନାୟକ ଛାତ୍ରମାନଙ୍କୁ ହଷ୍ଟେଲ ସମ୍ପର୍କରେ ବାହାରକୁ କିଏ ଖବର ଦେଉଛି ବୋଲି ପଚାରି ତାଗିଦ କରିଛନ୍ତି। ବିନା ଅନୁମତିରେ ହଷ୍ଟେଲ ଭିତରକୁ କାହାରିକୁ ପ୍ରବେଶ କରାଇଲେ ତୁମମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏନେଇ ଉକ୍ତ ଶିକ୍ଷା ଅନୁଷ୍ଠାନର ପ୍ରିନ୍ସିପାଲ ଧର୍ମ ପ୍ରକାଶ ସାମଲଙ୍କୁ ପଚାରିବାରୁ ସେ କହିଲେ, ସରକାରୀ ସ୍ତରରେ ହଷ୍ଟେଲ ଛାତ୍ରଙ୍କ ପାଇଁ କୌଣସି ଅନୁଦାନ ଆସୁନାହିଁ । ପିଲାମାନେ ନିଜେ ଟଙ୍କା ଦେଇ ଖାଦ୍ୟ ଖାଉଛନ୍ତି। ଏତେ କମ୍ ଅର୍ଥରେ କିପରି ପିଲାମାନଙ୍କୁ ଭଲ ଖାଦ୍ୟ ଦେବା ସମ୍ଭବ ହେଉନାହିଁ। ସେମାନଙ୍କ ଟଙ୍କାରୁ ରୋଷେୟାଙ୍କୁ ମାସକୁ ୬ହଜାର ଟଙ୍କା ପ୍ରଦାନ କରାଯାଉଛି। ଭଲ ଖାଦ୍ୟ ପାଇବାକୁ ହେଲେ ୧ହଜାର ଟଙ୍କା ପରିବର୍ତ୍ତେ ୨ହଜାର ଟଙ୍କା ଦେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଛୁ ବୋଲି ସାମଲ କହିଛନ୍ତି।

# ବାଇକ୍-କାର ମୁହାଁମୁହିଁ ଧକ୍କା, ଜଣେ ମୃତ

**ମାଲକାନଗିରି,୬।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲାର ତମଗୁଡା ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ୍-କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ମାଳିଗୁଡା ଗ୍ରାମର ରିଙ୍କୁ ସିଂ ରେଡ୍ଡିଙ୍କ ମୃତ୍ୟୁ ହୋଇଛି। ମାଲକାନଗିରି ଜୟପୁର ମୁଖ୍ୟ ରାସ୍ତାରେ ଏକ କାର (ଓଡ଼ି ୧୦ ସି-୮୦୦୫) ଦ୍ରୁତ ଗତିରେ ଆସୁଥିଲା। ତମଗୁଠାରେ ଅପରପାର୍ଶ୍ୱରୁ ଆସୁଥିବା ବାଇକ୍ (ଓଡି ୧୦ ଏନ-୭୮୬୬)କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ରେଡ୍ଡିଙ୍କ ମୃତ୍ୟୁ ହୋଇଥିଲା। କାରରେ ଥିବା ବ୍ୟକ୍ତି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଥିବା ଜଣ ପଡିଥିବା ବେଳେ ଘଟଣା ସ୍ଥଳରେ ଦୁର୍ଘଟଣା କୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମାଲକାନଗିରି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ତଦନ୍ତ ଆରମ୍ଭ କରିଛି।

# ନଦୀକୂଳରୁ ଯୁବକଙ୍କ ମୃତଦେହ ଜବତ

**ଦଶମନ୍ତପୁର, ୬।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣୀ ପଞ୍ଚାୟତ ହଳଦୀସିଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ନାମ ମନୋଜ ଖରା (୪୫)। ମଙ୍ଗଳବାର ପୂର୍ବାହ୍ନରେ ମନୋଜ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ। ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ମନୋଜଙ୍କ ମୃତଦେହ ମୁରାନ ନଦୀକୂଳରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଦୁଆରଶୁଣୀ ଫାଣ୍ଡିରେ ଜଣାଇଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ଅକ୍ଷୟ ମିଶ୍ର ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ଏହା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

# ଉପଜିଲାପାଳଙ୍କ କାଳିମେଳା ଗସ୍ତ



**କାଳିମେଳା,୬।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲାର ନୂତନ ଉପଜିଲାପାଳ ଭାବେ ମଙ୍ଗଳବାର ଯୋଗଦେଇଥିବା ଅକ୍ଷୟ ଖେମୁଡୁ ବୁଧବାର କାଳିମେଳା ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ସ୍ମାର୍ଟସ୍କୁଲରେ ପରିଣତ କରାଯାଇଛି। ଶ୍ରେଣୀକକ୍ଷ, ଲାଇବ୍ରେରି,ଲାବରେଟୋରି, ଉନ୍ନତ ଖେଳପଡ଼ିଆ, ବଗିଚା ଆଦି ନିର୍ମାଣାଧୀନ ରହିଛି। ଉପଜିଲାପାଳ ଖେମୁଡୁ ଏହାର ତଦାରଖ କରିବା ସହ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ତାଙ୍କ ସହ ବିଡିଓ ଉମାଶଙ୍କର ଦଳାଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୬୧ ବଇଦଙ୍କୁ ଔଷଧୀୟ ତାଲିମ

ଝରିଗାଁ, (ସ୍ୱ.ପ୍ର.): ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ କୁହୁରାକୋଟ ଗ୍ରାମରେ ବଇଦଙ୍କୁ ଔଷଧୀୟ ତାଲିମ ଦିଆଯାଇଛି। ଆର୍‌ସିଡିସି ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୦ଟି ଗାଁରୁ ୬୧ ଜଣ ବଇଦ ସାମିଲ ହୋଇଥିଲେ। ଦେଶୀ ଚେରମୂଳି ଔଷଧରେ ବିଭିନ୍ନ ରୋଗ ନିରାକରଣ ସମ୍ବନ୍ଧୀୟ ତାଲିମ ସେମାନଙ୍କୁ ଦିଆଯାଇଛି। ନୀଳାଞ୍ଚଳ ମିଶ୍ର ତାଲିମ ଦେଇଥିଲେ। ଶିବିରରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ଭକ୍ତଚନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ସିଡିସି ସଂସ୍ଥାର ଦୁଷ୍ମନ୍ତ ଓଝା, ଶିବ ଦୋରା,ଶଙ୍କର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବିଜେଡିରେ ମିଶିଲେ ୭୦ରୁ ଊର୍ଦ୍ଧ୍ୱ



କୋଲନରା,୬।୧୦(ଡି.ଏନ୍.ଏ.): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ଦଳବଦଳ ଦେଖିବାକୁ ମିଳୁଛି। ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତର କୁଳବନ୍ଧୁ ଠାରେ ବୁଧବାର ବିଜେଡିର ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ତ୍ତିକଗୁଡ଼ା, କେଲିଗୁଡ଼ା, ଖେଦାପଡ଼ା ଏବଂ ସୂରୀ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ବିଜୁ କୃଷକ ଜନତା ଦଳର ରାଜ୍ୟ ସମ୍ପାଦକ ତିରୁପତି ବାନାଗାଡ଼ିଙ୍କ ଉପସ୍ଥିତରେ ନୂତନ କର୍ମୀମାନେ ଦଳରେ ଯୋଗ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ଏହା ଦଳକୁ ଅଧିକ ସୁଦୃଢ଼ କରିବ ବୋଲି ନେତା ଓ କର୍ମୀମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବିକ୍ରମ ପିରିପକା, ଜିଲା ଯୁବ ସମ୍ପାଦକ ଜାଲନ୍ଦୁ କୋଣ୍ଡାଗରୀ, ଯୁବ ସମ୍ପାଦକ ଗୋପୀନାଥ ମୁସୁକା, ବାଙ୍କିଲି ସରପଞ୍ଚ ବିଶିକେସନ କୋଣ୍ଡାଗରୀ, ପ୍ରତାପ ପଣ୍ଡା ଉପସ୍ଥିତ ଥିଲେ।

## ମାଁ ଦୁର୍ଗାଙ୍କ ପୂଜା ପାଇଁ ଚାଲିଛି ପ୍ରସ୍ତୁତି



ଗୁଣପୁର,୬।୧୦(ଡି.ଏନ୍.ଏ): ରାୟଗଡ଼ା ଜିଲା ଗୁଣପୁରଠାରେ କୋଭିଡ୍ କଟକଣା ମଧରେ ସାଉ୍‌କୋ କାର୍ଯ୍ୟାଳୟ ଏବଂ ଗାନ୍ଧୀ ନଗରଠାରେ ଦୂର୍ଗା ପୂଜା ଅନୁଷ୍ଠିତ ହେବ। ୧୧ ତାରିଖ ଷଷ୍ଠୀରୁ ମାଁଙ୍କ ନିରାଡମ୍ବର ପୂଜାର୍ଚ୍ଚନା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ମୂର୍ତ୍ତି ନିର୍ମାଣ କାର୍ଯ୍ୟ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଉମରକୋଟ, ୬।୧୦(ସ୍ୱ.ପ୍ର.): ଉମରକୋଟ ବ୍ଲକ ବେହେଡ଼ା ଓ ମୂର୍ତ୍ତମା ଗ୍ରାମ ନିକଟରେ ବୁଧବାର ଭୋର ପ୍ରାୟ ୫ଟାରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ସୂଚନାନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ଆମ୍ବୁଲାନ୍ସଟି ରାଇଘରରୁ ଜଣେ ଗୁରୁତର ରୋଗୀଙ୍କୁ ନେଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲା। ସେଠାରେ ରୋଗୀଙ୍କୁ ଛାଡ଼ି ରାଇଘର ଫେରିବା ବାଟରେ ଆମ୍ବୁଲାନ୍ସଟି ଗଛରେ ପିଟିହୋଇଯାଇଥିଲା। ଖବରପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ

ଟିକିରି,୬।୧୦ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ତଳଝିରି ପଞ୍ଚାୟତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଶନ ଶକ୍ତି ଏବଂ ଓଡ଼ିଶା ମିଲେଟ ମିଶନର ମିଳିତ ପ୍ରୟାସରେ ଏକ ମିଲେଟ(କ୍ଷୁଦ୍ରଦାନା ଶସ୍ୟ)ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏଠାରେ ପୋଷଣରେ ଭରପୁର କାଙ୍ଗୁରେ ପ୍ରସ୍ତୁତ ଖୀରି, ମାଣ୍ଡିଆରେ ପ୍ରସ୍ତୁତ ପିଠା, ଲଡୁ, ପକୋଡ଼ି, ଚା', ଇଡ୍‌ଲି, ମିଠା ଆଦି ପ୍ରଦର୍ଶନୀ ସହ ଲୋକଙ୍କୁ ପ୍ରଦାନ କରାଯାଇଥିଲା। ସୁସ୍ଥ ରହିବା ପାଇଁ ଏଥିରୁ ପ୍ରସ୍ତୁତ ଖାଦ୍ୟ ସମସ୍ତେ ଖାଇବା ଜରୁରୀ ବୋଲି ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଯୋଗଦେଇ ତଳଝିରି ପଞ୍ଚାୟତର ଭିଏଡବ୍ଲ୍ୟୁ ନିରଞ୍ଜନ ନାୟକ କହିଛନ୍ତି। ମିଶନ ଶକ୍ତିର ବ୍ଲକ ସଂଯୋଜକ ସାଗର କୁମାର ଗାବ୍ରେଡିଆ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ମିଲେଟରେ ପ୍ରସ୍ତୁତ ଖାଦ୍ୟର ପ୍ରସାର ଦିଗରେ ଆଗକୁ ଆସିଲେ ସମସ୍ତେ ଏହାର ସୁଫଳ ପାଇପାରିବେ ବୋଲି ସେ କହିଛନ୍ତି। ସେହିପରି ଏହି ଟିଫିନ୍ ସେଣ୍ଟର ଦ୍ୱାରା ଲୋକେ ସୁବିଧାରେ ମିଲେଟରେ ପ୍ରସ୍ତୁତ ଖାଦ୍ୟ ପାଇପାରିବେ ବୋଲି ତଳଝିରି ସରପଞ୍ଚ କହିଛନ୍ତି। ଅଗ୍ରଗାମୀର ମିଲେଟ ସଂଯୋଜକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତଳଝିରି ପଞ୍ଚାୟତର ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ଏବଂ ଲାକରିସ ତଳଝିରି ସ୍କୁଲ ଛାତ୍ରୀମାନେ ଏଠାରେ ଉପସ୍ଥିତ ଥିଲେ।

# କାମରେ ଲାଗୁନି କୋଟିଏ ଟଙ୍କାର 'ଆମର ବଜାର'

- ନୂତନ ବସ୍‌ଷ୍ଟାଣ୍ଡକୁ ଦଖଲ କରିଛନ୍ତି ପରିବା ବ୍ୟବସାୟୀ
- ଟ୍ରାଫିକ୍ ସମସ୍ୟା ଯୋଗୁ ଘଟୁଛି ଦୁର୍ଘଟଣା

ଗୁଣପୁର,୬।୧୦(ଡି.ଏନ୍.ଏ.)



ଅବ୍ୟବହୃତ 'ଆମର ବଜାର'।



ନୂତନ ବସ୍‌ଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ବେପାର ଚାଲିଛି।

ରାୟଗଡ଼ା ଜିଲା ଗୁଣପୁର ପୌରାଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷକରି ଉଠା ବ୍ୟବସାୟୀ ଟ୍ରାଫିକ୍ ସମସ୍ୟାର ମୁଖ୍ୟ କାରଣ ସାଜିଛନ୍ତି। ଗୁଣପୁର ନୂତନ ବସ୍‌ଷ୍ଟାଣ୍ଡର ଉଭୟ ପାର୍ଶ୍ୱ ରାସ୍ତାକୁ ପରିବା ବ୍ୟବସାୟୀ ଓ ଉଠା ଦୋକାନୀମାନେ କବ୍‌ଜା କରିଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ପରିବା ବ୍ୟବସାୟୀ ଓ ଉଠାଦୋକାନୀଙ୍କ ପାଇଁ ୨୦୧୨ରେ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଆମର ବଜାର ଏବେ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ରାଷ୍ଟ୍ରୀୟ କିଷାନ ବିକାଶ ଯୋଜନା ପାଣ୍ଠିରୁ ୭୨ଲକ୍ଷ ଟଙ୍କା ଏବଂ ଗୁଣପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପକ୍ଷରୁ ୪୮ ଲକ୍ଷ ଟଙ୍କା ବ୍ୟୟରେ ଏହି ବଜାର ହୋଇଥିଲା। ଏଠାରେ ବ୍ୟବସାୟୀମାନେ ବସି ବିକ୍ରି କରିବା ପାଇଁ ପିଣ୍ଡି ଏବଂ ବିକ୍ରି କରି ପରିବା ଗଚ୍ଛିତ ରଖିବା ପାଇଁ ଗୋଦାମ ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ସ୍ଥାନୀୟ ପ୍ରଶାସନର ବେଖାତିର ମନୋଭାବ ଯୋଗୁ ଏହି ବଜାର ନିର୍ମାଣର ଉଦ୍ଦେଶ୍ୟ ସଫଳ ହୋଇପାରିନାହିଁ। ଏବେ ପିଣ୍ଡିଗୁଡ଼ିକ ଅବ୍ୟବହୃତ ପଡ଼ିଥିବାବେଳେ ଗୋଦାମଗୃହଗୁଡ଼ିକ ବାହାର ଲୋକଙ୍କୁ ଭଡ଼ାସୂତ୍ରରେ ଦିଆଯାଇଛି। ଅପରପକ୍ଷେ ବ୍ୟବସାୟୀମାନେ ବଜାରରେ ବସି ବ୍ୟବସାୟ କରିବା ବଦଳରେ ନୂତନ ବସ୍‌ଷ୍ଟାଣ୍ଡରେ ପସରା ମେଲାଇଛନ୍ତି। କରୋନା କଟକଣା ସମୟରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଟ୍ରାଫିକ୍ ସମସ୍ୟା ନ ଥିଲା। ଏବେ ବସ୍ ଚଳାଚଳ ସ୍ୱାଭାବିକ ହେବାପରେ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏହି ସମସ୍ୟାର ଶୀଘ୍ର ସମାଧାନ କରିବା ନିମନ୍ତେ ବସ୍ ମାଲିକ ସଂଘର ସଭାପତି ନବୀନ ପାଢ଼ୀ ଓ ବସ୍ କର୍ମଚାରୀ ସଂଘର ସଭାପତି ଫଣିଭୂଷଣ ପଟ୍ଟନାୟକ ଦାବି କରିଛନ୍ତି।

**ସେମାନେ ଯାହା କୁହନ୍ତି...**

"ପୂର୍ବରୁ ଅନେକ ଉପଜିଲାପାଳ ଓ ଆର୍‌ଏମ୍‌ସି ସମ୍ପାଦକ ବହୁବାର ଉଠା ଦୋକାନୀ ଓ ପରିବା ବ୍ୟବସାୟୀଙ୍କୁ ଆମର ବଜାରକୁ ସ୍ଥାନାନ୍ତରିତ କରିଛନ୍ତି। କିନ୍ତୁ ସେମାନେ ପୁନର୍ବାର ସେଠାରୁ ଆସି ରାସ୍ତାପାର୍ଶ୍ୱରେ ବ୍ୟବସାୟ କରୁଛନ୍ତି। ଏବେ 'ଆମର ବଜାର' ଦୋକାନ ଗୃହଗୁଡ଼ିକୁ ଭଡ଼ା ସୂତ୍ରରେ ଦିଆଯାଇଛି। ସେଥିରୁ ମାସିକ ୪୦ରୁ ୫୦ ହଜାର ଟଙ୍କା ଆଦାୟ ହେଉଛି।

-ଦଳପତି କାର୍ଜି, ଆର୍‌ଏମ୍‌ସି ସମ୍ପାଦକ

"'ଆମର ବଜାର' ସହରଠାରୁ ବହୁ ଦୂରରେ ରହିଛି। ଉକ୍ତ ବଜାରକୁ ଯିବା ପୂର୍ବରୁ ବାଇପାସ୍ ଛକ ନିକଟରେ ଆଉ ଏକ ଅସ୍ଥାୟୀ ବଜାର ରହିଛି। ତେଣୁ ଗ୍ରାହକମାନେ ଆମର ବଜାରକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ବ୍ୟବସାୟ ମାନ୍ଦା ଯୋଗୁ ବଜାର ବଦଳରେ ଏଠାରେ ବ୍ୟବସାୟ କରିବାକୁ ବାଧ ହେଉଛୁ।

-ଶ୍ରୀରାମ ମୂର୍ତ୍ତି, ପରିବା ବ୍ୟବସାୟୀ, ଗୁଣପୁର

"ଗୋଟିଏ ଜାଗାରେ ପରିବା ବଜାର ହେଲେ ଗ୍ରାହକମାନେ ସେଠାକୁ ଯିବାକୁ ବାଧ ହେବେ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ମଧ ଦୂର ହୋଇପାରିବ।

-ସୁରେଶ ଅଧିକାରୀ, ଗ୍ରାହକ

## ପିଏସ୍‌ସି କମିଟି ସଦସ୍ୟଙ୍କ ରାୟଗଡ଼ା ଷ୍ଟେଶନ ଗସ୍ତ

ରାୟଗଡ଼ା ଅଫିସ, ୬।୧୦

**ଷ୍ଟେଶନ ସ୍ୱଚ୍ଛତା ଓ ଯାତ୍ରୀଙ୍କ ସୁବିଧାକୁ ନେଇ ଅନୁଧ୍ୟାନ**

ପୂର୍ବତଟ ରେଳପଥ ବୋର୍ଡ ଦ୍ୱାରା ଗଠିତ ପାସେଞ୍ଜର ସର୍ଭିସେସ୍ କମିଟି (ପିଏସ୍‌ସି)ର ୩ଜଣିଆ ସଭ୍ୟ ମଙ୍ଗଳବାର ରାୟଗଡ଼ା ରେଳ ଷ୍ଟେଶନ ଗସ୍ତ କରିଛନ୍ତି। ସେମାନେ ରେଳ ସୁବିଧା ସହ ଷ୍ଟେଶନର ସଫାସୁତୁରାକୁ ନେଇ ଅନୁଧ୍ୟାନ କରିଛନ୍ତି। ଏଥିରେ କମିଟି ସଭ୍ୟ ଜୟନ୍ତୀ ଲାଲ, ସୁରମା ପାଢ଼ୀ ଓ ଗଙ୍ଗାଧର ତାଲୁପୁଲା ଉପସ୍ଥିତ ଥିଲେ।

ବିଶାଖାପାଟଣାରୁ ସମତା ଏକ୍ସପ୍ରେସ ଯୋଗେ ସେମାନେ ପ୍ରଥମେ ବୋବିଲି ଓ ପରେ ରାୟଗଡ଼ା ରେଳ ଷ୍ଟେଶନରେ ପହଞ୍ଚିଥିଲେ। କମିଟି ସଭ୍ୟମାନେ ରେଳଯାତ୍ରୀଙ୍କ ସହ ସୁରକ୍ଷା ଏବଂ ରେଳ ବିଭାଗର ବିଭିନ୍ନ ସେବା ଉପରେ ଆଲୋଚନା କରିଥିଲେ। ଟ୍ରେନ୍‌ର ପେଣ୍ଟ୍ରି କାର୍ ବଗିକୁ ଯାଇ ସଫାସୁତୁରା ଏବଂ ଖାଦ୍ୟର ଗୁଣବତ୍ତା ଅନୁଧ୍ୟାନକରି ଖୁସି ବ୍ୟକ୍ତ କରିଥିଲେ। ବୋବିଲି ଓ ରାୟଗଡ଼ା ରେଳ ଷ୍ଟେଶନରେ ପହଞ୍ଚିବା ପରେ କମିଟି ସଦସ୍ୟମାନେ ଷ୍ଟେଶନରେ ରେଳଯାତ୍ରୀଙ୍କ ପାଇଁ ଉପଲବ୍ଧ ଥିବା ପାନୀୟ ଜଳ ବ୍ୟବସ୍ଥା, ବିଶ୍ରାମାଗାର, ଶୌଚାଳୟ ସୁବିଧା, ପ୍ଲାଟ୍‌ଫର୍ମ ସେଲଟର୍ସ, ଫୁଟ୍‌ଓଭର ବ୍ରିଜ୍, ବସିବା ବ୍ୟବସ୍ଥା, ଲିଫ୍ଟ ପରିଚାଳନା ବ୍ୟବସ୍ଥା, କ୍ୟାଟରିଂ ଷ୍ଟଲ୍, ଖାଦ୍ୟ ଷ୍ଟଲ୍‌ଗୁଡ଼ିକୁ ଅନୁଧ୍ୟାନ କରିଥିଲେ। କମିଟି ସଦସ୍ୟଙ୍କ ଗସ୍ତ ସମୟରେ ଏଡିଆର୍‌ଏମ୍ ସୁଧୀର ଗୁପ୍ତା, ସିନିୟର ଡିସିଏମ୍ ଏ.କେ.ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଭାଜପା ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ବିଦ୍ୟାଭୂଷଣ ପଣ୍ଡା, ନଗର ସଭାପତି ଶ୍ୟାମ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବନଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ

ଉମରକୋଟ, ୬।୧୦(ସ୍ୱ.ପ୍ର.)



ଉମରକୋଟସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ଥିବା ମା' ବନ ଦୁର୍ଗାଙ୍କ ମନ୍ଦିରରେ ନବରାତ୍ରୀ ପୂଜା ଆରମ୍ଭ କରାଯାଇଛି। ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ମାନସିକ ଜାଳି ପୂଜା କରିଛନ୍ତି। ପ୍ରତିପଦା ତିଥିରେ ମା' ଙ୍କ ପ୍ରଥମ ଦିନର ପୂଜା ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ମା'ଙ୍କ ଶୈଳପୁତ୍ରୀ ରୂପକୁ ଆବାହନ କରି ପୂଜା କରାଯାଇଛି।

# ଭଲ ପାଠ ପଢ଼ିବାକୁ ଶ୍ରମିକ ସାଜିଛନ୍ତି ସୁରେଶ

ରାୟଗଡ଼ା ଅଫିସ,୬।୧୦

**ସରକାରୀ ସହାୟତା ପାଇଁ ନିବେଦନ**



ପାଠ ପଢ଼ିବାକୁ ମୋର ବହୁତ ଆଗ୍ରହ। ହେଲେ ଆର୍ଥିକ ସ୍ଥିତି ଖରାପ ଏବଂ ମା' ବାପା ନ ଥିବା ଯୋଗୁ ଭଲରେ ପଢ଼ିପାରୁନାହିଁ। ମଜୁରି ଲାଗି ଟଙ୍କା ରଖିଲେ ପାଠ ପଢ଼ିବି। ଉପାନ୍ତ ରାୟଗଡ଼ା ଜିଲା ସଦର ବ୍ଲକ ହାଲୁଆ ପଞ୍ଚାୟତ ଗୁରୁଠିଗୁଡ଼ା ଗ୍ରାମର ସୁରେଶ କୁମାର ତାଡ଼ିଙ୍ଗି ଏଭଳି କହିଛନ୍ତି। ମାମୁଁଙ୍କ ସହ ମିସ୍ତ୍ରୀ କାମରେ ସହଯୋଗ କରି ସେ ଦିନକୁ ୧୦୦ ଟଙ୍କା ରୋଜଗାର କରୁଛନ୍ତି।

୨୦୧୨ ମସିହାରେ ରୋଗାଗ୍ରସ୍ତ ହୋଇ ମା' ଆରପାରିକୁ ଚାଲିଯାଇଥିଲେ। ୨୦୧୩ରୁ ବାପା କ୍ରିଷ୍ଣା ତାଡ଼ିଙ୍ଗି ମଧ କେଉଁଆଡ଼େ ଚାଲିଯାଇ ଆଉ ଫେରିନାହାନ୍ତି। ଏବେ ସୁରେଶ ନିଜ ଦାଦା ଏବଂ ପିଉସୀଙ୍କ ପାଖରେ ରହି ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢ଼ୁଛନ୍ତି। କରୋନା ଯୋଗୁ ସ୍କୁଲ ଏବଂ ହଷ୍ଟେଲ ବନ୍ଦ ରହିଥିବାରୁ ସେ ଘରେ ରହି ପଢ଼ୁଛନ୍ତି। ସୁରେଶ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ୫ମ ଶ୍ରେଣୀରେ ନବୋଦୟ ପରୀକ୍ଷା ପାଇଁ ଚୟନ ମଧ ହୋଇଥିଲେ। ଟଙ୍କା ଅଭାବ ଯୋଗୁ ଟିଉସନ ହୋଇ ନ ପାରି ଖରାପ ନମ୍ବର ରଖିବାରୁ ପରେ ଶିକ୍ଷକମାନେ ଆଉ ନବୋଦୟ ପରୀକ୍ଷାକୁ ନେଇ ନ ଥିବା ସୁରେଶ ଦୁଃଖର ସହ କହିଛନ୍ତି। ସୁରେଶଙ୍କ ଦାଦା ସୁଜିତ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଛାତ୍ର। ଏଥିସହ ସେ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ପାର୍ଟଟାଇମ୍ କାମ କରି ୭ହଜାର ଟଙ୍କା ପାଉଛନ୍ତି। ତେଣୁ ସେ ଅବସର ସମୟରେ ସୁରେଶକୁ ପଢ଼ାଉଥିଲେ ମଧ ପରିବାର ସହ ସୁରେଶଙ୍କ ଦାୟିତ୍ୱ ନେବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି। ସରକାରୀ ସାହାଯ୍ୟ ମିଳିଲେ ସୁରେଶ ଭଲ ପଢ଼ି ମଣିଷ ହୋଇପାରିବ ବୋଲି ସେ ସୁଜିତ କହିଛନ୍ତି।

ସୁରେଶଙ୍କ ବିଷୟ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି। ତେବେ ବାପା ନିଖୋଜ ଥିବାରୁ ତାଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ। ଅନାଥ ଆଶ୍ରମରେ ରଖି ପଢ଼ିବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚାଇଲ୍ଡଲାଇନ୍‌ର ସଂଯୋଜିକା ନିଳିମା କହିଛନ୍ତି, ସୁରେଶଙ୍କ ନିକଟକୁ ଯାଇ ଆବଶ୍ୟକ ପ୍ରମାଣପତ୍ର ଆଣିବା ପରେ ରହିବା ବ୍ୟବସ୍ଥା ପାଇଁ ପ୍ରୟାସ କରାଯିବ।

## ୬୦ଫୁଟ ଗାତରୁ ବାଛୁରୀ ଉଦ୍ଧାର

ପାପଡ଼ାହାଣ୍ଡି, ୬।୧୦(ଡି.ଏନ୍.ଏ.)

ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଉସିଗାଁ ପଥର କ୍ୱାରି ନିକଟରେ ଥିବା ଏକ ୬୦ଫୁଟ୍‌ର ଗାତରେ ମଙ୍ଗଳବାର ରାତିରେ ଗୋଟିଏ ବାଛୁରୀ ପଡ଼ିଯାଇଥିଲା। ବୁଧବାର ବାଛୁରୀକୁ ଉଦ୍ଧାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୫ଟାରେ ହରିଶ୍ଚନ୍ଦ୍ର ଲହରାଙ୍କ ବାଛୁରୀଟି ଉକ୍ତ ଗାତରେ ପଡ଼ିଯାଇଥିଲା। ଏହାପରେ ସେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାଛୁରୀକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ରାତି ବେଶି ହୋଇଯିବାରୁ ସେମାନେ ଗାତ ଭିତରକୁ ଯାଇ ନ ଥିଲେ। ବୁଧବାର ସକାଳୁ ବାଛୁରୀକୁ ଉଦ୍ଧାର କରିଛନ୍ତି। ସୂଚନାନୁଯାୟୀ, ବର୍ଷାଦିନ ହେତୁ ଉକ୍ତ ଗାତରେ ଏବେ ପାଣି ଜମି ରହିଛି।

## ପ୍ରୋତ୍ସାହନ ମିଳିଲେ କ୍ଷୁଦ୍ରଶିଳ୍ପର ବିକାଶ ହେବ

ଉମରକୋଟ, ୬।୧୦(ସ୍ୱ.ପ୍ର.)

ଜିଲା ଶିଳ୍ପ ବିଭାଗ(ଡିଆଇସି) ପକ୍ଷରୁ ଉମରକୋଟସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଏକ ଏଣ୍ଟରପ୍ରେନ୍ୟୁରଶିପ ଡେଭଲପମେଣ୍ଟ କାର୍ଯ୍ୟକ୍ରମ କରାଯାଇଛି। ଜିଲା ଶିଳ୍ପ ବିଭାଗ ମ୍ୟାନେଜର ଏ.ବି. ରାଓ ସୁବୁଦ୍ଧି, ଜିଲା ଶିଳ୍ପ ପ୍ରମୋସନାଲ ଅଫିସର ଜୟନ୍ତ ନାୟକ ଉପସ୍ଥିତ ଥିଲେ। ସରକାରୀ ସୁବିଧା,ପ୍ରୋତ୍ସାହନ ମିଳିଲେ କ୍ଷୁଦ୍ରଶିଳ୍ପର ବିକାଶ ହେବ ବୋଲି ସେମାନେ କହିଛନ୍ତି। ଗ୍ରାମାଞ୍ଚଳ, ସହରାଞ୍ଚଳରେ କ୍ଷୁଦ୍ରଶିଳ୍ପ କଲେ କେଉଁ ଭଳି ସରକାରୀ ସୁବିଧା ସୁଯୋଗ ମିଳିବ ସେ ସମ୍ପର୍କରେ ଆଲୋକପାତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧକ୍ଷ ରବୀନ୍ଦ୍ର କର, ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର, ବରୋଦା ବ୍ୟାଙ୍କ ମ୍ୟାନେଜର ରମେଶ ଦାସ, କୃଷି ଅଧିକାରୀ ସୁରେନ୍ଦ୍ର ସିଂ, ସୁରଜ ସାମନ୍ତ ସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳକଙ୍କୁ ପଠାଗଲା ଜୁଭେନାଲ ଜଷ୍ଟିସ ବୋର୍ଡ

ପାପଡ଼ାହାଣ୍ଡି,୬।୧୦(ଡି.ଏନ୍.ଏ.)

**ନାବାଳିକାଙ୍କୁ ଗର୍ଭବତୀ କରିଥିବା ଅଭିଯୋଗ**

ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକା ସହ ଜଣେ ନାବାଳକଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଜଣକ ଗର୍ଭବତୀ ହେବାପରେ ତାଙ୍କୁ ଗ୍ରହଣ କରିବାକୁ ନାବାଳକ ଜଣକ ମନା କରିଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପାପଡ଼ାହାଣ୍ଡି ପୋଲିସ ନାବାଳକଙ୍କୁ ପଚରାଉଚରା କରିବାପରେ ବ୍ରହ୍ମପୁର ଜୁଭେନାଲ ଜଷ୍ଟିସ ବୋର୍ଡକୁ ପଠାଇଛି। ନାବାଳିକା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି।

ନିଜ ଭିଣୋଇଙ୍କ ଗାଁର ନାବାଳିକାଙ୍କ ସହ ନାବାଳଙ୍କର ପ୍ରେମ ଓ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଗର୍ଭବତୀ ହୋଇଥିଲେ। ତାଙ୍କ ଶରୀରରେ ପରିବର୍ତ୍ତନ ଦେଖି ପରିବାର ଲୋକେ ୨୯ତାରିଖରେ ଡାକ୍ତରଙ୍କୁ ଦେଖାଇବାରୁ ସେ ଗର୍ଭବତୀ ଥିବା ଜଣାପଡିଥିଲା। ନାବାଳିକା ନିଜ ସମ୍ପର୍କ ବିଷୟରେ ଘରେ କହିଥିଲେ। ସୋମବାର ଗାଁରେ ଏକ ବୈଠକ ବସିଥିଲା। ନାବାଳକ ତାଙ୍କୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଉକ୍ତ ଦିନ ରାତିରେ ନାବାଳିକା ଘରେ ଏକ ମୃତ ଶିଶୁପତ୍ର ଜନ୍ମ ଦେଇଥିଲେ। ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଏତଲା ଦେଇଥିଲେ। ପୋଲିସ ୧୫୨/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ବୁଧବାର ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଲ ଜଷ୍ଟିସ ବୋର୍ଡକୁ ପଠାଯାଇଛି ।

## ଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି ସିମେଣ୍ଟ ଖଣ୍ଡ

ଟିକିରି,୬।୧୦(ଡି.ଏନ୍.ଏ.)

**ବିପଦରେ ରୋଗୀଙ୍କ ଜୀବନ**



ଛାତରୁ ସିମେଣ୍ଟ ଖସି ରୋଗୀଙ୍କ ବେଡ୍ ଉପରେ ପଡ଼ିଛି।

ଡାକ୍ତରଖାନା ଛାତରୁ ସିମେଣ୍ଟ ଖଣ୍ଡ ଖସି ରୋଗୀଙ୍କ ବେଡ୍ ଉପରେ ପଡୁଛି। ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟିଏ କୋଠରିରେ ନୁହେଁ ବିଭିନ୍ନ କୋଠରିରେ ଛାତ ବିପଜ୍ଜନକ ଅବସ୍ଥାରେ ରହିଥିବାବେଳେ ବିଭିନ୍ନ ସମୟରେ ସିମେଣ୍ଟ ଖଣ୍ଡ ଖସୁଥିବା ରୋଗୀ ଅଭିଯୋଗ କରୁଛନ୍ତି। ଛାତରୁ ସିମେଣ୍ଟ ଛାଡ଼ି ଲୁହାରଡ୍ ଦେଖାଯାଉଛି। ତେଣୁ ଯେ କୌଣସି ସମୟରେ ଏଠାରେ ବଡ଼ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦେଇ ହେବନି। ତେଣୁ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ କୋଠା ମରାମତି ନିମନ୍ତେ ଦାବି ହୋଇଛି। ଏ ନେଇ ଦାୟିତ୍ୱରେ ଥିବା କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ନେତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ, ଏ ବିଷୟରେ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

# ଆରମ୍ଭ ହେଲ ପଥର କ୍ୱାରି କାମ

**୨ ଦିନ ଧରି ଲାଗିଥିଲା ଉତ୍ତେଜନା**

ପାପଡାହାଣ୍ଡି, ୬।୧୦(ଡି.ଏନ୍.ଏ.)



ପଥର କ୍ୱାରୀରେ କାମ ଚାଲିଛି।

ପାପଡାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଉସୀଗାଁ ଓ ଦିଶାରୀଗୁଡା ମଧରେ ଥିବା ପଥର କ୍ୱାରୀ କାମ ବୁଧବାର ପ୍ରଶାସନ ଉପସ୍ଥିତିରେ ଆରମ୍ଭ ହୋଇଛି। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ମଧୁସୂଦନ ମାଝି, ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଶୁଭେନ୍ଦୁ ଶବର, ଡୁମ୍ୱର୍ଲା ଫାଣ୍ଡି ଅଧିକାରୀ ଶୁଭେନ୍ଦୁ ବେହେରା ପୋଲିସ, ଆଇଆର୍‌ବି ଯବାନମାନେ ଉପସ୍ଥିତ ଥିଲେ। ଗତ ଦୁଇ ଦିନ ଧରି କାମକୁ ବିରୋଧ କରୁଥିବା ଗ୍ରାମବାସୀ ବୁଧବାର କିନ୍ତୁ ପ୍ରତିବାଦ କରି ନ ଥିଲେ। କାମ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଛି ବୋଲି ମାଲିକ ହର୍ଷ ବେହେରା ସୂଚନା ଦେଇଛନ୍ତି।

# ବନ୍ଦ କୋଠରିରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

ଉମରକୋଟ, ୬।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହର ଶିବାଜୀ ନଗରରୁ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ମିଳିଛି। ସେ ହେଲେ କୁସୁମ ନାୟକ(୮୨)। କୁସୁମ ସ୍ୱାମୀଙ୍କ ମୃତ୍ୟୁ ପରେ ବଡପୁଅ ବୋହୁଙ୍କ ସହ ଶିବାଜୀ ନଗରରେ ରହୁଥିଲେ। ୬ମାସ ତଳେ ତାଙ୍କ ବଡ଼ ପୁଅଙ୍କ ଦେହାନ୍ତ ହୋଇଯାଇଥିଲା। ଏହାପରେ ସେ ବଡ଼ ବୋହୂ ଓ ନାତି ନାତୁଣୀଙ୍କ ସହ ଉକ୍ତ ଘରେ ରହୁଥିଲେ। କୁସୁମ ରହୁଥିବା କୋଠରୀରୁ ଦୁର୍ଗନ୍ଧ ବାହାରିବା ପରେ ତାଙ୍କ ବଡ ବୋହୁ ନିଜ ଦୁଇ ଦିଅରଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚିବା ପରେ ଉକ୍ତ କୋଠରୀ କବାଟ ଖୋଲାଯାଇଥିଲା। ସେଠାରୁ କୁସୁମଙ୍କ ମୃତଦେହ ମିଳିଛି। କୁସୁମଙ୍କ ଦେହ ଫୁଲିଯିବା ସହ ସେଥିରେ ପୋକ ମଧ ଲାଗିଯାଇଥିଲା। ପରିବାର ଲୋକେ ଉମରକୋଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କୁସୁମଙ୍କ ସାନ ବୋହୁ ମନ୍ଦିରା ନାୟକ ଥାନାରେ ଏତଲା ଦେଇଛନ୍ତି। ଶାଶୁଙ୍କ ମୃତ୍ୟୁ କିପରି ଓ କେବେ ହେଲା ତାହାର ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି। ପୋଲିସ ୮୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସ୍ଥାନୀୟ ଏଜେନ୍ସି ଦ୍ୱାରା ନିଯୁକ୍ତିକୁ ବିରୋଧ

ନବରଙ୍ଗପୁର,୬।୧୦(ବି.ପ୍ର.)

**ଜିଲାପାଳ, ଡିଆର୍‌ଡିଏ ପିଡିଙ୍କୁ ଦାବିପତ୍ର ଦେଲେ ଗ୍ରାମୀଣ ଆବାସ ଯୋଜନାରେ କର୍ମଚାରୀ**



ଦାବି ଜଣାଇବାକୁ ଆସିଥିବା କର୍ମଚାରୀମାନେ।

ଆଉଟ ସୋର୍ସିଂ ୟୁଏନ୍‌ଡିପି ମାଧ୍ୟମରେ ଗ୍ରାମୀଣ ଆବାସ ଯୋଜନାକୁ ଲୋକାଭିମୁଖୀ କରିବା, ପ୍ରତ୍ୟେକ ସୁବିଧା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ବ୍ଲକ ଓ ଜିଲାସ୍ତରରେ ବିଭିନ୍ନ ପଦବୀରେ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଏବେ କିନ୍ତୁ ସ୍ଥାନୀୟ ଏକ ଏଜେନ୍ସି ହାତକୁ ଟେକିଦେବାକୁ ନିଷ୍ପତ୍ତି ହୋଇଛି। ଏହା ବିରୋଧରେ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ର ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁଙ୍କୁ ଦାବିପତ୍ର ଦେଇଛନ୍ତି।

ୟୁଏନ୍‌ଡିପି ମାଧ୍ୟମରେ ବ୍ଲକରେ ବିପିସି, ବିପିଏ ଓ ଜିଲାସ୍ତରରେ ଡିପିସି, ଡିପିଇ, ସିସିଇ ନିଯୁକ୍ତି ପାଇ କାମ କରୁଛି। ଅକ୍ଟୋବର ୩୧ ପର୍ଯ୍ୟନ୍ତ ସରକାରଙ୍କ ୟୁଏନ୍‌ଡିପିର ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଚଳିତ ମାସରେ ଚୁକ୍ତି ଅବଧି ସରିବ। ପଞ୍ଚାୟତିରାଜ ଗ୍ରାମୀଣ ଆବାସ ବିଭାଗ ପତ୍ର ସଂଖ୍ୟା୧୬୯୬୫ରେରେ ପ୍ରତ୍ୟେକ ଜିଲାପାଳଙ୍କୁ ଜିଲାସ୍ତରୀୟ ଏକ ଏଜେନ୍ସି ଜରିଆରେ କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ଯେଉଁମାନେ ୟୁଏନ୍‌ଡିପି ଜରିଆରେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ, ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଚୟନକରି ନିୟୋଜିତ କରିବାକୁ ନିର୍ଦ୍ଦେଶ ରହିଛି। ମାସିକ ଦରମା କମାଇ ଦିଆଯିବା, ବାର୍ଷିକ ବର୍ଦ୍ଧିତ ଦରମା ୫ରୁ ୩ ପ୍ରତିଶତ କମାଇ ଦିଆଯିବ। ଏହାକୁ କର୍ମଚାରୀମାନେ ବିରୋଧକରି ଦାବିପତ୍ର ଦେଇଛନ୍ତି। କର୍ମଚାରୀ ଠିକ୍ କାମ କରୁଥିବାରୁ ରାଜ୍ୟ ସରକାର ସଫଳତା ପାଉଛନ୍ତି। ସରକାର ମନୋଭାବକୁ ପରିବର୍ତ୍ତନ କରି ୟୁଏନ୍‌ଡିପି ସଂସ୍ଥାକୁ ହିଁ ଆଉଟ ସୋର୍ସିଂ ଏଜେନ୍ସି ଭାବେ ଦାୟିତ୍ୱ ଦିଅନ୍ତୁ ନଚେତ୍ ଏମ୍‌ଜିଏନ୍‌ଆଇଜିଏସ୍ ଯୋଜନା ପାଣ୍ଠିରୁ ଦରମା ଦିଆଯାଉ ବୋଲି କର୍ମଚାରୀ ଦାବି କରିଛନ୍ତି।

